# ପ୍ରବଞ୍ଚନା

କବି ରଘୁନାଥ ଦାସ

ମୁଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲି

ରାମରାଜ୍ୟ ।

ରାମ ଦେହ ରକ୍ଷା କଲେ ।

ଯୋଜନାର ନାମ ପଞ୍ଚବଟୀ;

ଗଡ଼ା ହେବ ଟଙ୍କା

ଲଙ୍କାଗଡ଼ ଲାଗି ଆସେ

ବିଦେଶରୁ ଟଙ୍କା ।

ରଣଭରା ଚାଷୀ ମରେ- ହା ଅନ୍ନ! ହା ଅନ୍ନ!!

ପେଟର ଜ୍ୱାଳାରେ ଜଳିଯାଏ ସବୁ ସବୁଜ ସପନ

ରକ୍ଷାକର, ରକ୍ଷାକର

ମୋତେ ଗୋଡ଼ାଇଛି ମୋର ଦୈତ୍ୟ ଭୟଙ୍କର ।

ମୁଁ ସେମାନଙ୍କୁ କହିଲି ଆଣିଦେବି

ଘିଅ ମହୁ ।

ଗାଈ କ୍ଷୀର ଦେଲା ନାହିଁ,

ମହୁମାଛି ମହୁ ସଂଚିଲାନି,

ଜମିଲା ଟିଣକୁ ଟିଣ ଅଘିରା ।

www.jatayu.org

# ପ୍ରବଞ୍ଚନା

କବି ରଘୁନାଥ ଦାସ

ମହୁ ବଦଳରେ ମହୁରା ।

ସେମାନେ ହଲ୍ଲା କଲେ

ଏଇଟା କଂସପୁରୀ ମଥୁରା!

ରକ୍ଷାକର, ରକକ୍ଷାକର

ମୋତେ ଗୋଡ଼ାଇଛି ମୋର ଦୈତ୍ୟ ଭୟଙ୍କର ।

ମୁଁ ଆଶ୍ବାସନା ଦେଲି, ଆଣିବି

ସମାଜବାଦ ।

ବୀମା, ବ୍ୟାଙ୍କ କଲି କେତେ ଜାତୀୟକରଣ;

ଅମଲାଙ୍କ ବାହୁ ତଳେ ପଶିଲି ଶରଣ

ଅମଲା ଯେ ଚଳୁକଲେ ସମୁଦ୍ରେକ ପାଣି

ତାହା ଦେଖି ଗଙ୍ଗା ମାତା ବହିଲା ଉଜାଣି ।

ସେମାନେ ଚିହ୍ନନ୍ତି:

ସମାଜବାଦର ଦୁହା ଢ଼ୋଲପରି ଫମ୍ପା;

ଗୋଦରା କାଳିକୋତରୀ ନାଁଟା ଯାହା ଚମ୍ପା ।

ରକ୍ଷାକର, ରକ୍ଷାକର

www.jatayu.org

# ପ୍ରବଞ୍ଚନା

କବି ରଘୁନାଥ ଦାସ

ମୋତେ ଗୋଡ଼ାଇଛି ମୋର ଦୈତ୍ୟ ଭୟଙ୍କର ।

ମୁଁ ହଲପ କରି କହିଲି: ଦେବି

ନିର୍ମଳ ଶାସନ ।

ଗୋଳିଆ ପାଣିକି କଲି ଆହୁରି ଗୋଳିଆ

ବେଠିଆ ପିଠିକୁ ଆଉଁଷିଲି;

ଲୋଡା ତା'ର ଗୋଟିଏ କୋଠିଆ ।

କଂବଳଟା ଯାକ ଖାଲି ସାଲୁବାଲୁ;

କିଏ ହେଟା ପୁଣି କିଏ ଗଡଭାଲୁ

ରକ୍ଷାକର, ରକ୍ଷାକର

ମୋତେ ଗୋଡ଼ାଇଛି ମୋର ଦୈତ୍ୟ ଭୟଙ୍କର ।

ମୁଁ କହିଲି ଉଚ୍ଚେ: ଏଥରକ ନିଶ୍ଚେ

ହଟାଇବି  ଗରିବାନା ।

ହୁଙ୍କିମାରି ମନ୍ତ୍ରୀ ହେଲି,

ବନିଗଲି ମୁଁ ତାଙ୍କ ମୁରବୀ  ।

ପେଟୁଆଙ୍କ ତଳିପେଟେ କିନ୍ତୁ

ବଢ଼ିଲା ଚରବି ।

www.jatayu.org

# ପ୍ରବଞ୍ଚନା

କବି ରଘୁନାଥ ଦାସ

ତା' ଦେଖି, ଗରିବଗୁଡାକ ପାଟି କଲେ,

କେହି କେହି ଛାଡିଲେ ବି ଢେଲା ।

ବନ୍ଦ କରି ଜମାଏତି

ଠୁଙ୍କିଦେଲି ମୁଖବନ୍ଦ ତାଲା

ଦେଶସାରା ।

ମଉକା ଦେଖି

ଜନତା ମାଇଲା କୁର୍ସିକୁ ଶକ୍ତ ଏକ ନାତ୍

ଗଡ଼ିପଡ଼ି ହଜିଲା ମୋ ବୁଦ୍ଧିଜ୍ଞାନ, କୁର୍ସି?

ହେଲି ଚିତ୍‌କାତ୍ ।

ରକ୍ଷାକର, ରକ୍ଷାକର

ମୋତେ ଗୋଡ଼ାଇଛି ମୋର ଦୈତ୍ୟ ଭୟଙ୍କର ।

ମୁଁ ସେମାନଙ୍କୁ କଥା ଦେଇଛି;

କମାଇବି ଦରଦାମ୍

ବେପାରୀଙ୍କ ପାଣ୍ଠି ନେଇ କରିଥିଲି କାରବାର;

ନୋଟ ନେଇ ଭୋଟ ଦିଅ; ନିଅ ପୁଣି ଶସ୍ତା ସାର ।

ବେପାରୀ ମାଗେ ସୁଝଣ, ସୁଧମୂଳ କଳନ୍ତରେ;


www.jatayu.org

# ପ୍ରବଞ୍ଚନା

କବି ରଘୁନାଥ ଦାସ

ମୁଁ ନାଚାର ବିକିଲେ, ବିକନ୍ତୁ

ତାଙ୍କ ମନେ ଇଚ୍ଛା ଦରେ ।

ରକ୍ଷାକର, ରକ୍ଷାକର

ମୋତେ ଗୋଡ଼ାଇଛି ମୋର ଦୈତ୍ୟ ଭୟଙ୍କର ।

www.jataayu.org